ଲକ୍ଷ୍ମଣପ୍ପା ହନୁମନ୍ତପା ଜାମଖଣ୍ଡୀ

1954
ଅକ୍ଟୋବର 21

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

[ମୁଖ୍ୟ ନ୍ୟାୟାଧୀଶ ମେହେର୍ ଚାନ୍ଦ୍ ମହାଜନ୍, ଏସ୍. ଆର୍. ଦାସ, ଗୁଲାମ୍ ହାସନ୍, ଭଗବତୀ ଏବଂ ଭେଙ୍କଟରାମା ଆୟର, ନ୍ୟାୟାଧୀଶବୃନ୍ଦ]

*ଭାରତ ସମ୍ବିଧାନ ଅନୁଚ୍ଛେଦ 31 (1), 32, 265 - ସମ୍ପତ୍ତିରୁ ବଞ୍ଚିତକରଣ - ଏହା ବ୍ୟତୀତ ଅଧିକାର ଲାଗୁ କିମ୍ବା ସଂଗ୍ରହ ଦ୍ୱାରା - ଅନୁଚ୍ଛେଦ 265 ଦ୍ୱାରା ପ୍ରଦତ୍ତ ଅଧିକାର - ଅନୁଚ୍ଛେଦ 32 ଦ୍ୱାରା ଲାଗୁ କରାଯାଇପାରିବ କି ।*

*ନିର୍ଣ୍ଣୟ ନିଆଗଲା ଯେ,* ଯେହେତୁ ଅନୁଚ୍ଛେଦ 265ରେ ଏକ ବିଶେଷ ବ୍ୟବସ୍ଥା ରହିଛି ଯାହାକି କୌଣସି ଟିକସ ଆଇନର ପ୍ରାଧିକାର ବିନା ଧାର୍ଯ୍ୟ କିମ୍ବା ସଂଗ୍ରହ କରାଯିବ ନାହିଁ, ଅନୁଚ୍ଛେଦ 31ର ଖଣ୍ଡ (1) କୁ ଟିକସ ଲଗାଇବା କିମ୍ବା ସଂଗ୍ରହ କରିବା ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ସମ୍ପତ୍ତିରୁ ବଞ୍ଚିତ ହେବା ସମ୍ବନ୍ଧିତ ବୋଲି ବିବେଚନା କରାଯିବା ଆବଶ୍ୟକ ଏବଂ ଅନୁଚ୍ଛେଦ 265 ଦ୍ୱାରା ପ୍ରଦତ୍ତ ଅଧିକାର ସମ୍ବିଧାନର ତୃତୀୟ ଭାଗ ଦ୍ୱାରା ପ୍ରଦତ୍ତ ମୌଳିକ ଅଧିକାର ହୋଇନଥିବାରୁ, ଏହାକୁ ଅନୁଚ୍ଛେଦ 32 ଅନୁଯାୟୀ କାର୍ଯ୍ୟକାରୀ କରାଯାଇପାରିବ ନାହିଁ।

ପରବର୍ତ୍ତୀ *ରାମଜିଲାଲ୍ ବନାମ ଆୟକର ଅଧିକାରୀ, ମୋହିନ୍ଦରଗଡ଼ ([1951] ଏସ୍. ସି. ଆର୍. 127)* ଉଲ୍ଲେଖିତ ।

*ସୁରଜ ମଲ ମୋହତା ଏବଂ କମ୍ପାନୀ ବନାମ ଏ. ଭି. ବିଶ୍ୱନାଥ ଶାସ୍ତ୍ରୀ (ଏ. ଆଇ. ଆର. 1954 ଏସ. ସି. 545)* ଉଲ୍ଲେଖ କରିଛନ୍ତି ।

ମୂଳ ଅଧିକରିତା : 1954ର ଆବେଦନ ସଂଖ୍ୟା *492 ।*

ମୌଳିକ ଅଧିକାରର ପ୍ରବର୍ତ୍ତନ ପାଇଁ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ *ବି. ସେନ୍, ଆଇ. ଏନ୍. ଶ୍ରଫ୍ ଏବଂ ବି. ପି. ସିଂହ ।*

ଉତ୍ତରଦାତାମାନଙ୍କ ପାଇଁ *ଭାରତର ଆଟର୍ଣ୍ଣି ଜେନେରାଲ ଏମ୍. ସି. ସେତଲୱାଡ ଏବଂ ଭାରତର ସଲିସିଟର ଜେନେରାଲ ସି. କେ. ଡାଫ୍ଟାରୀ* (ସେମାନଙ୍କ ସହିତ *ଜି. ଏନ୍. ଯୋଶୀ, ପି. ଏ. ମେହେଟ୍ଟା ଏବଂ ପି. ଜି. ଗୋଖଲେ) ।*

1954 ମସିହା ଅକ୍ଟୋବର 21ରେ ମୁଖ୍ୟ ନ୍ୟାୟାଧୀଶ ମେହେର୍ ଚାନ୍ଦ୍ ମହାଜନଙ୍କ ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା - ଏହା ଭାରତ ସମ୍ବିଧାନର ଅନୁଚ୍ଛେଦ 32 ଅନ୍ତର୍ଗତ ଏକ

ଆବେଦନ ଯାହାକି ସମ୍ବିଧାନର ଅନୁଚ୍ଛେଦ 31 (1) ଏବଂ 19 (1) ( f) ଅନୁଯାୟୀ ମୌଳିକ ଅଧିକାରକୁ ଲାଗୁ କରିବା ଏବଂ ପରମାଦେଶ କିମ୍ବା ଉତପ୍ରେଷଣ ଆଜ୍ଞାଦେଶ ଜାରି କରିବା ଏବଂ ଉତ୍ତରଦାତାମାନଙ୍କୁ ତାଙ୍କ ମୌଳିକ ଅଧିକାରର ଉଲ୍ଲଂଘନ କରି ଆବେଦନକାରୀଙ୍କ ସମ୍ପତ୍ତିରେ ହସ୍ତକ୍ଷେପ ନକରିବା ପାଇଁ ଉପଯୁକ୍ତ ନିର୍ଦ୍ଦେଶ ଦେବା ପାଇଁ ଏହା ଉଦ୍ଦିଷ୍ଟ ।

ଏଭଳି ପରିସ୍ଥିତିରେ ଏହି ଆବେଦନ ହୋଇଛି । ଆବେଦନକାରୀ ତାଙ୍କ ଭାଇମାନଙ୍କ ସହିତ ତାଡି ଏବଂ ମଦ ବିକ୍ରେତା ବ୍ୟବସାୟ କରୁଥିଲେ । ଏହା ସହିତ, ଭାଇମାନଙ୍କ ମଧ୍ୟରୁ ଜଣେ ବସ୍ ଚଲାଉଥିଲେ ଏବଂ କପା ଓ ଟଙ୍କା ଋଣ ମଧ୍ୟ ଦେଉଥିଲେ । ସମସ୍ତ ଭାଇଙ୍କର କୃଷି ଏବଂ ଅଣକୃଷି କ୍ଷେତ୍ରରେ ବ୍ୟାପକ ସମ୍ପତ୍ତି ଥିଲା । ଯଦିଓ 1926-27 ମୂଲ୍ୟାଙ୍କନ ବର୍ଷ ପୂର୍ବରୁ ସମସ୍ତ ଭାଇଙ୍କୁ ଏକ ହିନ୍ଦୁ ଅବିଭକ୍ତ ପରିବାର ଭାବରେ ଆୟକର ଦେବାକୁ ପଡିଥିଲା, ସେବେଠାରୁ 1946 ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ହୋଇଥିବା କଥିତ ବିଭାଜନ ଯୋଗୁଁ ସେମାନଙ୍କୁ ପୃଥକ ଭାବରେ ମୂଲ୍ୟାଙ୍କନ କରାଯାଇଥିଲା । 1946 ମସିହା ଡିସେମ୍ବର ମାସରେ ଆୟକର ଅଧିକାରୀ ସେମାନଙ୍କ ବିରୁଦ୍ଧରେ ଧାରା 34 ଅନୁଯାୟୀ ଏକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ, କାରଣ ସେମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଭାଗବଣ୍ଟାର ମାମଲା ସଠିକ୍ ନଥିଲା ଏବଂ ବାସ୍ତବରେ ସେମାନଙ୍କ ମଧ୍ୟରେ କୌଣସି ବଣ୍ଟନ ହୋଇନଥିଲା ଏବଂ ସେମାନେ ମିଳିତ ଭାବେ ବ୍ୟବସାୟ କରୁଥିଲେ । ଏହି କାର୍ଯ୍ୟାନୁଷ୍ଠାନର ଫଳସ୍ୱରୂପ ଧାରା 34 ଅନୁଯାୟୀ 1942-43 ବର୍ଷ ପାଇଁ ମିଳିତ ଭାବେ ଚାରି ଭାଇଙ୍କ ଉପରେ ଏକ ଆକଳନ କରାଯାଇଥିଲା ଏବଂ ସେମାନଙ୍କୁ ଏକ ବ୍ୟକ୍ତିବିଶେଷମାନଙ୍କ ସଂଘ ଭାବରେ ବିବେଚନା କରାଯାଇଥିଲା । 1940-41,1941-42 ଏବଂ 1943-44 ବର୍ଷରେ ସେମାନଙ୍କ ବିରୁଦ୍ଧରେ ଅନୁରୂପ ଆକଳନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା ।

1947 ମସିହା ଡିସେମ୍ବର ମାସରେ କେନ୍ଦ୍ର ସରକାର,ଆୟକର (ତଦନ୍ତ ଆୟୋଗ) ଅଧିନିୟମର ଧାରା 5 (1) ଅନୁଯାୟୀ ଏହି ଯଥାର୍ଥ ବିଶ୍ୱାସରେ ଯେ ଆବେଦନକାରୀଙ୍କ ଭାଇମାନେ ଯୁଦ୍ଧ ସମୟରେ ବିପୁଳ ଲାଭ କରିଥିଲେ ଓ ଟିକସ ଫାଙ୍କିଥିଲେ ଏବଂ ଆୟକର ଅନୁସନ୍ଧାନ ଆୟୋଗଙ୍କ ନିକଟରେ ପାଞ୍ଚଟି ପ୍ରସଙ୍ଗ ବିଚାରାର୍ଥେ ପ୍ରେରଣ କରିଥିଲେ । ସନ୍ଦର୍ଭ ସଂଖ୍ୟା 175 ସମସ୍ତ ଭାଇମାନଙ୍କୁ ବ୍ୟକ୍ତିବିଶେଷଙ୍କ ଏକ ସଂଗଠନ ଭାବେ ଉଲ୍ଲେଖ କରିଥିବା ବେଳେ ଅନ୍ୟ ଚାରୋଟି ସନ୍ଦର୍ଭ ଭାଇମାନଙ୍କୁ ବ୍ୟକ୍ତିଗତ ଭାବେ ଉଲ୍ଲେଖ କରିଥିଲା । ତଦନ୍ତ ଆୟୋଗଙ୍କ ସମ୍ମୁଖରେ ହୋଇଥିବା କାର୍ଯ୍ୟାନୁଷ୍ଠାନର ପରିଣାମ ସ୍ୱରୂପ ଆୟୋଗ 1940-41 ଏବଂ 1948-49 ମଧ୍ୟରେ ବଞ୍ଚିତ ରହିଯାଇଥିବା ଆୟ 16,79,203 ଟଙ୍କାର ଆକଳନ କରି 1952 ମସିହା ସେପ୍ଟେମ୍ବର 26 ତାରିଖରେ କେନ୍ଦ୍ର ସରକାରଙ୍କୁ ଏକ ବିବୃତି ପ୍ରଦାନ କରିଥିଲେ । ଏହି ବିବୃତି

ଆଧାରରେ କେନ୍ଦ୍ର ସରକାର ଆୟକର (ଅନୁସନ୍ଧାନ କମିଶନ) ଅଧିନିୟମର ଧାରା 8 (2) ଅନୁଯାୟୀ ଏକ ଆଦେଶ ପାରିତ କରି ଭାରତୀୟ ଆୟକର ଅଧିନିୟମ ଏବଂ ଅତ୍ୟଧିକ ଲାଭକର ଟିକସ ଅଧିନିୟମ, 1940 ଏବଂ ବ୍ୟବସାୟ ଲାଭକର ଟିକସ ଅଧିନିୟମ, 1947 ଅନୁଯାୟୀ ମେସେରସ୍ ଜାମଖଣ୍ଡି ଭାଇମାନଙ୍କ ବିରୋଧରେ ତଦନ୍ତ ଆୟୋଗଙ୍କ ବିବୃତି ଅନୁଯାୟୀ ଆୟର ଆକଳନ ବା ପୁନଃ ଆକଳନ କରିବା ଉଦ୍ଦେଶ୍ୟରେ ଏକ ବ୍ୟକ୍ତିବିଶେଷଙ୍କ ସଂଘ ଭାବେ ନିର୍ଦ୍ଧାରଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ଆଦେଶ ଅନୁଯାୟୀ ଆୟକର ଅଧିକାରୀ ମେସେରସ୍ ଜାମଖଣ୍ଡି ଭାଇମାନଙ୍କ ବିରୋଧରେ ଏକ ବ୍ୟକ୍ତି ବିଶେଷମାନଙ୍କ ସଂଘ ଭାବେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ । 30 ନଭେମ୍ବର 1953ରେ ଆୟକର ଅଧିନିୟମ ଏବଂ ଅତ୍ୟଧିକ ଲାଭ ଟିକସ ଅଧିନିୟମ ଅନୁଯାୟୀ ଆବେଦନକାରୀଙ୍କୁ ନିର୍ଦ୍ଧାରଣ କରୁଥିବା ଆୟକର ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ଆକଳନ ଆଦେଶ ପାରିତ ହୋଇଥିଲା । ଏହା ପରେ ଆୟକର ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଟିକସ ଆଦାୟ ପାଇଁ ଆବେଦନକାରୀଙ୍କ ବିରୁଦ୍ଧରେ ଏକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ଏବଂ ଏହି କାର୍ଯ୍ୟାନୁଷ୍ଠାନରେ ବେଲଗାମ ଜିଲ୍ଲାରେ ଥିବା ଆବେଦନକାରୀଙ୍କ ସମ୍ପତ୍ତିକୁ ବକେୟା ପୈଠ ପାଇଁ ଜବତ କରାଯାଇଥିଲା ଏବଂ ବମ୍ବେ ଜମି ରାଜସ୍ୱ ସଂହିତାର ପ୍ରାବଧାନ ଅନୁଯାୟୀ ତାଙ୍କର ପ୍ରାୟ 12 ପ୍ଲଟ୍ ବିଶିଷ୍ଟ ଏକ ଭୂ-ସମ୍ପତ୍ତି ଯାହାକି ତାଙ୍କ ସମ୍ପତ୍ତି ମଧ୍ୟରୁ ଗୋଟିଏ ସର୍ବସାଧାରଣ ନିଲାମରେ ବିକ୍ରି କରାଯାଇଥିଲା ।

20 ସେପ୍ଟେମ୍ବର 1954ରେ ସମ୍ବିଧାନର ଅନୁଚ୍ଛେଦ 32ର ପ୍ରାବଧାନ ଅନୁଯାୟୀ ବର୍ତ୍ତମାନର ଆବେଦନକୁ ଆଗତ କରାଯାଇଥିଲା । ଏହା ବୋଧହୁଏ ଏହି ଧାରଣା ଆଧାରରେ କରାଯାଇଛି ଯେ, ସୁରଜ ମଲ୍ ମୋହତା ବନାମ ଏ. ଭି. ବିଶ୍ୱନାଥ ଶାସ୍ତ୍ରୀ ଏବଂ ଅନ୍ୟ (1) ମାମଲାରେ ଏହି ନ୍ୟାୟାଳୟର ନିଷ୍ପତ୍ତି ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତି ଉପରେ ମଧ୍ୟ ପ୍ରଯୁଜ୍ୟ ଏବଂ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚୂଡ଼ାନ୍ତ ହୋଇଥିବା ଆକଳନ ଆଦେଶ ବିରୁଦ୍ଧରେ ଆଶ୍ୱସ୍ତି ପାଇପାରିବ । ଏହି ଆବେଦନରେ ଦର୍ଶାଯାଇଥିଲା ଯେ ଆବେଦନକାରୀଙ୍କ ସମ୍ପତ୍ତିକୁ ଜବତ କରିବା ଏବଂ ବିକ୍ରି କରିବା ବେଆଇନ ଏବଂ ଏହା ସମ୍ବିଧାନର ଅନୁଚ୍ଛେଦ 31 (1) ଏବଂ 19 (1) (f) ଅନୁଯାୟୀ ଆବେଦନକାରୀଙ୍କ ମୌଳିକ ଅଧିକାରର ଉଲ୍ଲଂଘନ କରେ । ଏହା ମଧ୍ୟ ଅଭିଯୋଗ କରାଯାଇଥିଲା ଯେ ସମ୍ବିଧାନ ଲାଗୁ ହେବା ପରେ ଆୟକର ଅନୁସନ୍ଧାନ ଆୟୋଗଙ୍କ ସମ୍ମୁଖରେ ଚାଲିଥିବା କାର୍ଯ୍ୟାନୁଷ୍ଠାନ ବେଆଇନ ଥିଲା କାରଣ ଏହା ସମ୍ବିଧାନର ଅନୁଚ୍ଛେଦ 14 ଏବଂ 20 (3) ର ଉଲ୍ଲଂଘନ କରେ ଏବଂ ଆୟ ଉପରେ ଟିକସ (ଅନୁସନ୍ଧାନ ଆୟୋଗ) ଅଧିନିୟମ, 1947 ଅନୁଯାୟୀ ସୁରଜ ମଲ୍ ମୋହତା ବନାମ ଏ. ଭି. ଏବଂ ଅନ୍ୟ ଏକ ବିଶ୍ୱନାଥ ଶାସ୍ତ୍ରୀ ଏବଂ

1954
ଲକ୍ଷ୍ମଣପ୍ପା ହନୁମନ୍ତପା ଜାମଖଣ୍ଡୀ
ବନାମ
ଭାରତ ସଂଘ ଏବଂ ଅନ୍ୟମାନେ
ମୁଖ୍ୟ ନ୍ୟାୟାଧୀଶ ମହାଜନ୍

ଅନ୍ୟ ଏକ (ଉପରୋକ୍ତ) କାର୍ଯ୍ୟାନୁଷ୍ଠାନକୁ ଏହି ନ୍ୟାୟାଳୟର ନିଷ୍ପତ୍ତିର ଦୃଷ୍ଟିରେ ଭେଦଭାବପୂର୍ଣ୍ଣ ଥିଲା ଏବଂ ଧାରା 5 (1) ଅନୁଯାୟୀ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ସନ୍ଦର୍ଭ ଏକ ଉପଯୁକ୍ତ ବର୍ଗୀକରଣ ଉପରେ ଆଧାରିତ ନୁହେଁ । ଆୟକର ଟିକସ(ଅନୁସନ୍ଧାନ ଆୟୋଗ)ଅଧିନିୟମ, 1947 ର ଧାରା 8 (2) ଅନୁଯାୟୀ କେନ୍ଦ୍ର ସରକାରଙ୍କ ଆଦେଶ ଅନୁଯାୟୀ ଦିଆଯାଇଥିବା ନିର୍ଦ୍ଧାରଣ ଆଦେଶକୁ ବାତିଲ କରିବା ପାଇଁ ଏହି ନ୍ୟାୟାଳୟ ଏକ ପରମ ଆଦେଶ ଓ  ଉତପ୍ରେଷଣ ଏବଂ ଅନ୍ୟାନ୍ୟ ନିର୍ଦ୍ଦେଶନାମା ଜାରି କରିବାକୁ ଏବଂ ଆବେଦନକାରୀଙ୍କ ସମ୍ପତ୍ତିକୁ ଜବତ କରିବା ଏବଂ ବିକ୍ରୟ କରିବା କିମ୍ବା ଏଥିରେ କୌଣସି ପ୍ରକାରେ ହସ୍ତକ୍ଷେପରୁ ଉତ୍ତରଦାତାମାନଙ୍କୁ ନିରୋଧ କରିବାକୁ ଏଥିରେ ଅନୁରୋଧ କରାଯାଇଥିଲା ।

ଉପରୋକ୍ତ ତଥ୍ୟରୁ ଏହା ସ୍ପଷ୍ଟ ଯେ 1947ର ଆକ୍ଷେପିତ ଅଧିନିୟମ XXX ଅନୁଯାୟୀ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ତଦନ୍ତ କମିଶନଙ୍କ ଦୃଷ୍ଟିରୁ  ଉକ୍ତ ନ୍ୟାୟାଳୟରେ ଏହି ଆବେଦନ ଉପସ୍ଥାପିତ ହେବାର ଦୁଇ ବର୍ଷ ପୂର୍ବରୁ  ଅର୍ଥାତ ସେପ୍ଟେମ୍ବର, 1952 ରେ ଶେଷ ହୋଇଥିଲା । ଆୟକର ଅଧିନିୟମ ଅନୁଯାୟୀ ନିର୍ଦ୍ଧାରଣ ଆଦେଶ ନଭେମ୍ବର, 1953 ରେ ଆବେଦନକାରୀଙ୍କ ବିରୁଦ୍ଧରେ କରାଯାଇଥିଲା । ଏହି ପରିସ୍ଥିତିରେ ଆମର ମତ ହେଉଛି ଯେ ସମ୍ବିଧାନର ଅନୁଚ୍ଛେଦ 32ର ପ୍ରାବଧାନ ଅନୁଯାୟୀ ସେ କୌଣସି ଆଶ୍ୱସ୍ତି ପାଇବାକୁ ହକଦାର ନୁହଁନ୍ତି ।ରାମଜୀଲାଲ ବନାମ ଆୟକର ଅଧିକାରୀ, ମୋହିନ୍ଦରଗଡ଼ (1) ମାମଲାରେ ଏହି ଅଦାଲତ ରାୟ ଦେଇଥିଲେ ଯେ, ସମ୍ବିଧାନର ଅନୁଚ୍ଛେଦ 265ରେ ଏକ ବିଶେଷ ବ୍ୟବସ୍ଥା ରହିଛି ଯେ, କୌଣସି ଟିକସ ଆଇନଗତ ପ୍ରାଧିକାର ବିନା କୌଣସି ଟିକସ ଧାର୍ଯ୍ୟ କିମ୍ବା ସଂଗ୍ରହ କରାଯିବ ନାହିଁ, ତେଣୁ ଅନୁଚ୍ଛେଦ 31ର ଖଣ୍ଡ (1) କୁ ଟିକସ ଆଦାୟ କିମ୍ବା ସଂଗ୍ରହ ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ସମ୍ପତ୍ତିରୁ ବଞ୍ଚିତ ହେବା ସହ ଜଡ଼ିତ ବୋଲି ବିବେଚନା କରାଯିବା ଆବଶ୍ୟକ ଏବଂ ଯେହେତୁ ଅନୁଚ୍ଛେଦ 265  ଦ୍ୱାରା ପ୍ରଦତ୍ତ ଅଧିକାର ସମ୍ବିଧାନର ତୃତୀୟ ଭାଗ ଦ୍ୱାରା ପ୍ରଦତ୍ତ ଅଧିକାର ନୁହେଁ, ତେଣୁ ଏହାକୁ ଅନୁଚ୍ଛେଦ 32 ଅନୁଯାୟୀ କାର୍ଯ୍ୟକାରୀ କରାଯାଇପାରିବ ନାହିଁ ।ଏହି ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ଏହା ନିର୍ଣ୍ଣୟ ନିଆଗଲା ଯେ ଅନୁଚ୍ଛେଦ 32 ଅନୁଯାୟୀ, ଉପୁଜିଥିବା ପରିସ୍ଥିତିରେ ଆବେଦନଟି ଅନୁରକ୍ଷଣୀୟ ନୁହେଁ ଏବଂ ଅନ୍ୟଥା ଉପୁଜିଥିବା ବିଶେଷ ପରିସ୍ଥିତିରେ ମଧ୍ୟ, ଏହି ନ୍ୟାୟାଳୟର ଇଚ୍ଛାଧୀନ କୌଣସି ଆଜ୍ଞାଦେଶ ପ୍ରସଙ୍ଗକୁ ନିର୍ଦ୍ଦେଶ ଦେବା ନ୍ୟାୟସଙ୍ଗତ ଏବଂ ଉପଯୁକ୍ତ ହେବ ନାହିଁ । ଯେତେବେଳେ ଏହି ସ୍ଥିତିକୁ ଆବେଦନକାରୀଙ୍କ ପାଇଁ ବିଜ୍ଞ ଓକିଲ ଶ୍ରୀଯୁକ୍ତ ସେନଙ୍କ ନିକଟରେ ରଖାଗଲା, ସେ ଅତ୍ୟନ୍ତ ନିରପେକ୍ଷ ଭାବରେ ଏବଂ ଆମ ମତରେ, ଠିକ୍ ଭାବେ ସ୍ୱୀକାର କରିଥିଲେ ଯେ ଏହି ସ୍ଥିତିର ମୁକାବିଲା କରିବା ତାଙ୍କ ପାଇଁ ସମ୍ଭବ ନୁହେଁ ।

ଉପରୋକ୍ତ କାରଣଗୁଡିକ ପାଇଁ ଏହି ଆବେଦନ ବିଫଳ ହେବା ନିଶ୍ଚିତଏବଂ ସେହି ଅନୁଯାୟୀ ଏହାକୁ ଖର୍ଚ୍ଚ ସହିତ ଖାରଜ କରିଦିଆଯାଇଛି ।

ଆବେଦନକୁ ଖାରଜ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।